# ଧରାପୃଷ୍ଠରେ ପୂଜା ପାଇଲେ ବିନାୟକ


କୋରାପୁଟ


ଜୟପୁର


ବୋରିଗୁମ୍ମା


ଦାମନଯୋଡ଼ି


ଚାନ୍ଦିଲି (କୋଟପାଡ)


ଜୟପୁର


କୋଲାବନଗର


ଜୟପୁର


ସୁନାବେଡ଼ା


କୁନ୍ଦୁରା


କୋରାପୁଟ


ଲମତାପୁଟ

## ଶ୍ରମିକ ମାରଣ ନୀତି ପ୍ରତିବାଦରେ ବୈଠକ


ବୈଠକରେ ଆଲୋଚନା କରାଯାଉଛି।

**ବୈପାରୀଗୁଡ଼ା,୨।୯(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରି ଶନିବାର ଏଆଇୟୁଟିୟୁସି ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଡିସେମ୍ବର ୧୪ ଓ ୧୫ରେ ଯାଜପୁର ରୋଡ୍‌ଠାରେ ହେବାକୁ ଥିବା ରାଜ୍ୟ ଶ୍ରମିକ ସମ୍ମିଳନୀ ଏବଂ ୨୦୨୦ ଫେବୃୟାରୀ ୧୩ ଓ ୧୫ ତାରିଖରେ ଝାଡଖଣ୍ଡଠାରେ ହେବାକୁ ଥିବା ସର୍ବଭାରତୀୟ ଶ୍ରମିକ ସମ୍ମିଳନୀ ନିମନ୍ତେ ଆଲୋଚନା ହୋଇଥିଲା । ଏଥିରେ ଏଆଇୟୁଟିୟୁସି ସହବନ୍ଧିତ ସ୍ଥାନୀୟ ନେତାଜୀ ରାଜ ମିସ୍ତ୍ରୀ ଓ ଶ୍ରମିକ ସଂଗଠନର ସଭାପତି ସୂର୍ଯ୍ୟନାରାୟଣ ବିଷୋୟୀ ସଭାପତିତ୍ୱ କରିଥିଲେ । ବୈଠକରେ ରାଜ୍ୟ ସମ୍ପାଦକ ଜୟସେନ ମେହେର ଓ ରାଜ୍ୟ ସଭା କମିଟି ସଭ୍ୟ କାହ୍ନୁ ବିଶ୍ୱାଳ ଯୋଗ ଦେଇ ବିଗତ ଦିନର କଂଗ୍ରେସ ସରକାର ଓ ବର୍ତ୍ତମାନର ଭାଜପା ପରିଚାଳିତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନିତିର କୁପରିଣାମ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ମାଲିକ-ଶିଳ୍ପପତିମାନଙ୍କ ସ୍ୱାର୍ଥରେ କେନ୍ଦ୍ର ଭାଜପା ସରକାରଙ୍କ ନିଷ୍ପତ୍ତି ବିରୋଧରେ ଶ୍ରମିକ ଆନ୍ଦୋଳନ ଗଢି ତୋଳିବା ଲାଗି ଆହ୍ୱାନ ଦେଇଥିଲେ । ଉକ୍ତ ସମ୍ମିଳନୀରେ କୋରାପୁଟ ଜିଲାରୁ ବହୁ ଶ୍ରମିକ ଯୋଗ ଦେବା ଲାଗି କହିଥିଲେ । ସେହିପରି ଆସନ୍ତା ଅକ୍ଟୋବର ୩୦ ତାରିଖରେ ବୈପାରୀଗୁଡାଠାରେ ଜିଲାସ୍ତରୀୟ ଶ୍ରମିକ ସମ୍ମିଳନୀ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଶ୍ରମ ଆଇନ ସଂଶୋଧନ କରି ଶ୍ରମିକ କୋଡ୍ ପ୍ରଣୟନ କରିବା , ନାଲକୋ, ଏନଟିପିସି , ବିଏସ୍ଏନ୍ଏଲ୍ ,ଓଏନ୍‌ଜିସି ,ରେଲୱେ ,ବ୍ୟାଙ୍କ,ବୀମା, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଶିଳ୍ପ ଆଦି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରିବା, ପାଚିକା-ସହାୟିକା, ଆଶାକର୍ମୀ-ସାଥୀ, ଅଙ୍ଗନୱାଡି କର୍ମୀ-ସହାୟିକା, ସ୍ୱାବଲମ୍ବୀ କାରିଗରଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଓ ସର୍ବନିମ୍ନ ମଜୁରି ମାସିକ ୧୮ ହଜାର ଟଙ୍କା ପ୍ରଦାନ କରିବା ଦାବିରେ ବୈପାରୀଗୁଡ଼ାରେ ଶ୍ରମିକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ସ୍ଥିର ହୋଇଥିଲା । ବୈଠକରେ ନେତାଜୀ ରାଜମିସ୍ତ୍ରି ଓ ଶ୍ରମିକ ସଂଗଠନ ଉପସଭାପତି ପତି ଦଣ୍ଡସେନା, ସାଧାରଣ ସମ୍ପାଦକ ଜଗବନ୍ଧୁ ହରିଜନ, ପିଡିଏସ୍ ଖଲାସୀ ୟୁନିୟନ ସମ୍ପାଦକ ଲକ୍ଷ୍ମଣ ପରଜା, କୋଷାଧ୍ୟକ୍ଷ କେଶବ ଗୁମିଆ, ଓଡିଶା ରାଜ୍ୟ ଦର୍ଜି ମହାସଂଘ ସଭାପତି ପି ନାଗେଶ୍ୱର ରାଓ, ସମ୍ପାଦକ ଅନନ୍ତ ବେହେରା, କୋଷାଧ୍ୟକ୍ଷ ସୂର୍ଯ୍ୟ ପରିଚ୍ଛା ଯୋଗ ଦେଇଥିଲେ।

■ଜିଲା କ୍ରୀଡା ସଂଘ କାର୍ଯ୍ୟକାରୀ ଲକ୍ଷ୍ୟ

## ଜିଲାପାଳଙ୍କୁ ଦାବିପତ୍ର

**ଜୟପୁର,୨।୯(ଡି.ଏନ.ଏ )**

କୋରାପୁଟ ଜିଲା କ୍ରୀଡା ସଂଘ କାର୍ଯ୍ୟକାରୀ କରିବା ସହିତ ସ୍ଥାନୀୟ ଖେଳାଳି ମାନେ ୨ବର୍ଷ ହେଲାଣି କୌଣସି ରାଜ୍ୟସ୍ତରୀୟ କ୍ରିଡାରେ ଅଂଶ ଗ୍ରହଣ କରି ନାହାନ୍ତି । ଏନେଇ ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୁପ କୁମାର ପାତ୍ର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ କ୍ରିଡା ସଂଘର ନିର୍ବାଚନ କିମ୍ବା କର୍ମକର୍ତ୍ତାଙ୍କୁ ମନୋନୀତ କରିବା ନେଇ ଦାବି କରିଛନ୍ତି । ଅନ୍ୟପକ୍ଷରେ କ୍ରୀଡା ସଂଘର ବାଇ-ଲର ନିୟମ ଅନୁଯାୟୀ କାର୍ଯ୍ୟ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲାର କ୍ରିଡାର ବିକାଶ କରିବା ଉଦ୍ଦେଶ୍ୟରେ ସଂଘକୁ କ୍ରିୟାଶୀଳ କରିବା ସହିତ ଏହା ଦ୍ୱାରା ବହୁତ ପ୍ରତିଭାବାନ ଖେଳାଳିଙ୍କ ଭବିଷ୍ୟତ ଅନ୍ଧାର ହେବାକୁ ଯାଉଛି । ଏହିପରି ଜିଲାର ଦୁଇଜଣ ଖେଳାଳି ବର୍ଷକ ପୂର୍ବରୁ ଦୌଡକୁଦରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହିତ ପୁରସ୍କୃତ ହୋଇଥିଲେ । କିନ୍ତୁ ଅନ୍ୟ କୌଣସି ରାଜ୍ୟ କିମ୍ବା ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଯୋଗ ଦେଇପାରୁ ନ ଥିବା ଯୋଗୁ ସେମାନଙ୍କ ପ୍ରତିଭା ଦେଖାଇ ପାରି ନାହାଁନ୍ତି । ତେଣୁ ତୁରନ୍ତ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି । ଏଥିନେଇ ଜିଲା କ୍ରିଡା ସଂଘ ଉପସଭାପତି ରବି ନାୟକ କହିଛନ୍ତି ଯେ, ବର୍ତ୍ତମାନ ସଂଘର ୪ ବର୍ଷ କାର୍ଯ୍ୟକାଳ ପୂରଣ ହୋଇନାହିଁ । ସେହିପରି ନିର୍ବାଚିତ କମିଟିର ଅବଧି ଶେଷ ହୋଇଥିଲେ ସୁଦ୍ଧା ବାଇ-ଲ ଅନୁଯାୟୀ ପରବର୍ତ୍ତି ନିର୍ବାଚନ ପର୍ଯ୍ୟନ୍ତ ପୂର୍ବ କମିଟି କାର୍ଯ୍ୟ କରିବ । ସେହିପରି ପ୍ରତ୍ୟେକ ବର୍ଷ ବିଭିନ୍ନ କ୍ରିଡା ନିମନ୍ତେ ଦଳ ଚୟନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗ ଦେଉଛନ୍ତି। ତେଣୁ ଏହିପରି କିଛି ନ ଜାଣି ମାନବାଧିକାର କର୍ମୀଙ୍କ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି ।

## କାମାକ୍ଷୀଙ୍କୁ ସମ୍ବର୍ଦ୍ଧିତ କଲା ପ୍ରଶାସନ

**କୋରାପୁଟ,୨।୯(ସ୍ୱ.ପ୍ର.)**


କାମାକ୍ଷୀ ପ୍ରସାଦ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜ୍ୟ ପୁରସ୍କାରପ୍ରାପ୍ତ କାମାକ୍ଷୀ ପ୍ରସାଦ ମାଝି ରବିବାର କୋରାପୁଟରେ ପହଞ୍ଚିବା ପରେ ଜିଲା ପ୍ରଶାସନ ତାଙ୍କୁ ସମ୍ବର୍ଦ୍ଧିତ କରିଛି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଜିଲାର ଯୁବକ କାମାକ୍ଷୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତ୍ତରୋତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ, ଉପଜିଲାପାଳ ଲଳିତ କୁମାର କହଁର, ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ପ୍ରବୀର ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲି ଆମ୍ମା ଉପସ୍ଥିତ ଥିଲେ। ଗତ ୨୯ ତାରିଖରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କାମାକ୍ଷୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଯୁବ ପୁରସ୍କାର ପ୍ରଦାନ କରିଥିଲେ ।

## ଭୋଟର କାର୍ଡ଼ ସଂଶୋଧନ ପାଇଁ ସଚେତନତା


ବାହାରିଥିବା ସଚେତନତା ଶୋଭାଯାତ୍ରା

**କୋରାପୁଟ,୨।୯(ସ୍ୱ.ପ୍ର.)**

ଭୋଟର କାର୍ଡ ସଂଶୋଧନ ପାଇଁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ରବିବାର କୋରାପୁଟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭୋଟର କାର୍ଡ ସଂଶୋଧନ ପାଇଁ ଏହି ଅଭିଯାନକୁ ସଫଳ କରିବାକୁ ଅଧିକାରୀଙ୍କ ମିଳିତ ସହଯୋଗ ଲୋଡ଼ାଯାଇଥିଲା। କୋରାପୁଟ ସହରର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କହଁର, ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ପ୍ରବୀର ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପି. ଟୋଲି ଆମ୍ମା ସାମିଲ ଥିଲେ ।

## ସଂକ୍ଷେପରେ



### ଚାଳକଙ୍କୁ ଚକୋଲେଟ୍ ଦେଇ ସଚେତନ

**ସେମିଳିଗୁଡ଼ା,୨୧୯(ସ୍ୱ.ପ୍ର.):** କୋରାପୁଟ ଜିଲା ୨୬ ନମ୍ବର ଜାତୀୟ ରାଜପଥରେ ସେମିଳିଗୁଡା ପୋଲିସ ଗାଡି ଚାଳକଙ୍କୁ ଚକୋଲେଟ୍ ଦେଇ ସଚେତନ କରିଛି । ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ୍ ପିନ୍ଧିବା, ୪ ଚକିଆ ଯାନ ଚଳାଇଲା ବେଳେ ସିଟ୍‌ବେଲ୍ଟ ଏବଂ ଡ୍ରାଇଭିଂ ଲାଇସେନ୍ସ, ଗାଡିର କାଗଜପତ୍ର, ଗାଡିର ଇନ୍ସ୍ୟୁରାନ୍ସ ସବୁ ରଖିବା ଲାଗି ଲୋକଙ୍କୁ ସଚେତନ କରାଇଥିଲା । ଏହି ନିୟମକୁ ନ ମାନିଲେ ୧ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ । ସେମିଳିଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ଆଇଆଇସି ଧୀରେନ କୁମାର ବେହେରା, ଏସ୍ଆଇ ଅନିତା ନାୟକ, ବି. ବିଶ୍ର, ବିରାଟ ଚନ୍ଦ୍ର ପଟ୍ଟନାୟକ ଲୋକଙ୍କୁ ସଚେତନ କରାଇଥିଲେ ।

### କୋରାପୁଟ ଜିଲାରେ ୬୨୦.୫ ମିମି ବର୍ଷା

**କୋରାପୁଟ,୨୧୯(ସ୍ୱ.ପ୍ର):** କୋରାପୁଟ ଜିଲାରେ ସୋମବାର ୬୨୦.୫ ମିମି ବର୍ଷା ହୋଇଛି । ସେଥିମଧ୍ୟରୁ ଜିଲାର ବନ୍ଧୁଗାଁ ବ୍ଲକରେ ସର୍ବାଧିକ ୧୦୫ ମିମି ବର୍ଷା ହୋଇଥିବା ଥିବା ଜିଲା ଜରୁରି ବିଭାଗ ପକ୍ଷରୁ ସୁଚନା ମିଳିଛି । ସେହିପରି ସେମିଳିଗୁଡା ବ୍ଲକରେ ୯୦ ମିମି, ନନ୍ଦପୁରରେ ୬୪.୨ ମିମି, ପଟ୍ଟାଙ୍ଗିରେ ୫୭.୨ ମିମି, ନାରାୟଣପାଟଣାରେ ୪୮.୨ ମିମି, କୋରାପୁଟରେ ୪୫.୮ ମିମି, ଲମତାପୁଟରେ ୪୫ ମିମି, ଦଶମନ୍ତପୁରରେ ୨୬ ମିମି, ଲକ୍ଷ୍ମୀପୁରରେ ୩୮ ମିମି, ଜୟପୁରରେ ୧୫.୭ ମିମି, କୋଟପାଡରେ ୨୯ ମିମି, କୁନ୍ଦ୍ରାରେ ୧୯.୪ ମିମି, ବୋରିଗୁମ୍ମାରେ ୨୦ ମିମି , ବୈପାରିଗୁଡା ବ୍ଲକରେ ୧୭ ମିମି ବର୍ଷା ହୋଇଛି । ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା କୋରାପୁଟ ସହରରେ ୨୨.୨ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରକାଶ କରିଛନ୍ତି । ତେଲେଙ୍ଗିରି ଡ୍ୟାମରେ ଜଳସ୍ତର ୬୨୫.୫୦ ମିଟର ବର୍ତ୍ତମାନ ରହିଥିବାବେଳେ ତାର ବିପଦ ସଙ୍କେତ ଜଳସ୍ତର ହେଉଛି ୬୩୩ ମିଟର । ସେହିପରି କୋଲାବ ଡ୍ୟାମରେ ସୋମବାର ଜଳସ୍ତର ୮୫୩.୫୮ ମିଟର ରହିଥିବାବେଳେ ଡ୍ୟାମର ବିପଦ ସଙ୍କୁଳ ଜଳସ୍ତର ହେଉଛି ୮୫୮ ମିଟର ବୋଲି ଜଣାଯାଇଛି ।

### ଲକ୍ଷ୍ମୀନଗରରେ ଚଢ଼ାଉ,ମଦ ଜବତ

**ଜୟପୁର,୨୧୯(ଡି.ଏନ.ଏ ):** ଜୟପୁର ଟାଉନ ଥାନା ପୋଲିସ ଲକ୍ଷ୍ମୀନଗର ଅଞ୍ଚଳରେ ଚଢାଉ କରିଛି । ଜି. କିଶୋରଙ୍କ ଘରୁ ୮ଲିଟର ବିଦେଶୀ ମଦ ଏବଂ କିଛି ସିଲ ସହିତ ଖାଲିବୋତଲ ଜବତ କରିଛି । ସେ ମଦ ପ୍ରସ୍ତୁତ କରୁଥିବା ନେଇ ପୋଲିସ ସୂଚନା ପାଇ ସୋମବାର ଚଢାଉ କରିଥିଲା । ପୋଲିସ କିଶୋରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି ।

### ମୃତ ଶିକ୍ଷକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା



**ପଟ୍ଟାଙ୍ଗି,୨୧୯(ଡି.ଏନ.ଏ):** ରାମଗିରି ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ଶିକ୍ଷକ ଅମରେନ୍ଦ୍ର କୁମାର ସାମଲଙ୍କ ପରଲୋକ ହୋଇଛି । କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତ ରେ ରହିଥିବା ବ୍ଲକ ଗ୍ରାଣ୍ଟ ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ତାଙ୍କ ପରିବାରବର୍ଗଙ୍କୁ ସହାୟତାର ହାତ ବଢାଇଛନ୍ତି । ତାଙ୍କର ଏକ ମାତ୍ର ପୁଅ ଏବଂ ତାଙ୍କ ସ୍ତ୍ରୀଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ମାଳିପୁଟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଶିକ୍ଷକ ସହଦେବ ଦାଶ ଏବଂ ପ୍ରଭାତ କୁମାର ଜେନା ମୃତ ଶିକ୍ଷକଙ୍କ ଧର୍ମ ପତ୍ନୀଙ୍କୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

■ ମୋବାଇଲ୍ ନ ଥିବାରୁ

# ନାମଲେଖାରୁ ବାଦ୍ ପଡିଲେ ଛାତ୍ର

**ବୈପାରୀଗୁଡ଼ା,୨୧୯(ଡି.ଏନ୍.ଏ)**

ଯୁକ୍ତ ୨ରେ ନାମ ଲେଖାଇବାକୁ ହେଲେ ଅନଲାଇନ୍‌ରେ ଆବେଦନ କରିବାକୁ ପଡୁଛି । କୌଣସି କଲେଜରେ ସିଟ୍ ମିଳିଲେ ଅନଲାଇନ୍‌ରେ ଇଣ୍ଟିମେଶନ ଲେଟର ପଠାଯିବା ସହ ପ୍ରାର୍ଥୀଙ୍କ ମୋବାଇଲ ଫୋନକୁ ମେସେଜ୍ ଆସୁଛି । କିନ୍ତୁ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଏସବୁ ବ୍ୟବସ୍ଥା ସହଜରେ ଉପଲବ୍ଧ ନ ଥିବାରୁ ଅନେକ ଛାତ୍ରୀଛାତ୍ର ନାମ ଲେଖାରୁ ବଞ୍ଚିତ ହେଉଛନ୍ତି । ଏପରି ସଦ୍ୟତମ ଘଟଣାର ଶିକାର ହୋଇଛନ୍ତି ବୈପାରୀଗୁଡା ବ୍ଲକ ମାଠପଡା ଗ୍ରାମର ରମେଶ ନାୟକ ।

ମାଠପଡା ଗ୍ରାମର ଗରିବ ଭୂମିଆ ସମ୍ପ୍ରଦାୟର ଭଗତ ନାୟକଙ୍କ ପୁଅ ରମେଶ । ଚଳିତ ବର୍ଷ ଦଳପୁର ସରକାରୀ ହାଇସ୍କୁଲରେ ମାଟ୍ରିକରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ପରିବାରର ଆର୍ଥିକ ଅବସ୍ଥା ଖରାପ ଥିବାରୁ ଯୁକ୍ତ ୨ରେ ନାମ ଲେଖାଇବାକୁ ଆବେଦନ



ନାମ ଲେଖାରୁ ବଞ୍ଚିତ ରମେଶ ।

କରିପାରି ନ ଥିଲେ । ଏବେ ସପ୍ଲିମେଣ୍ଟାରୀ ରେଜଲ୍ଟ ବାହାରିବା ପରେ ନାମ ଲେଖାଇବାକୁ ଆବେଦନ କରିଥିଲେ । ଆବେଦନ ସମୟରେ ନିଜର ଫୋନ ନ ଥିବାରୁ ଗ୍ରାମର ଅନ୍ୟ ଜଣଙ୍କ ଫୋନ୍ ନଂ ଆଇଡି ଭାବେ ଦେଇଥିଲେ । ଗତ ୩୧ ତାରିଖରେ ମାଥିଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଡିମିଶନ୍ କରିବାକୁ ଇଣ୍ଟିମେଶନ ଆସିଥିଲା । କିନ୍ତୁ ଗାଁରେ ଇଣ୍ଟରନେଟ୍ ସୁବିଧା ନ ଥିବା ବେଳେ ଯେଉଁ ବ୍ୟକ୍ତିଙ୍କ ଫୋନ ନଂ ଆଇଡି ଭାବେ ଦେଇଥିଲେ ଉକ୍ତ ବ୍ୟକ୍ତି ତାଙ୍କୁ ନ ଜଣାଇ ମେସେଜ୍ ଡିଲିଟ୍ କରିଦେଇଥିଲେ । ରବିବାର ରମେଶ ବୈପାରୀଗୁଡା ଆସି ନେଟ୍‌ରେ ଚେକ୍ କରି ଇଣ୍ଟିମେଶନ କାଢିଥିଲେ । ତେବେ ଦିନ ଗଡିଯାଇଥିବାରୁ ନାମ ଲେଖାଇବା ସମ୍ଭବ ନୁହେଁ ବୋଲି ଉକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିଲେ । ଏହାକୁ ନେଇ ରମେଶ ଦୁଃଖରେ ଭାଙ୍ଗି ପଡିଥିଲେ ।

ଏଠାରେ ସୂଚନାଯୋଗ୍ୟ, ଆଦିବାସୀ ବହୁଳ ବୈପାରୀଗୁଡା ବ୍ଲକରେ ଦଶମ ଶ୍ରେଣୀ ପରେ ଆଦିବାସୀ ପିଲାଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ସୁବିଧା ନାହିଁ । ଯୁକ୍ତ ୨ ନାମ ଲେଖାଇବା ପାଇଁ ଏକ ମାତ୍ର ବ୍ଲକ ଗ୍ରାଣ୍ଟ ପ୍ରାପ୍ତ ବିଦ୍ୟାଳୟ ରହିଛି । ସରକାରୀ ବିଦ୍ୟାଳୟରେ ଯାହା ସୁବିଧା ମିଳୁଛି ସେସବୁ ଏଠାରେ ମିଳୁନାହିଁ । ଉକ୍ତ ମହାବିଦ୍ୟାଳୟରେ ମଧ୍ୟ ଯେତିକି ପରିମାଣର ସିଟ୍ ରହୁଛି ତାହା ଆବଶ୍ୟକତାରୁ ଯଥେଷ୍ଟ କମ୍ । ଫଳରେ ପିଲାଙ୍କୁ ବ୍ଲକ ସଦର ମହକୁମାଠାରୁ ୩୦ ରୁ ୪୦ କିମି ଦୂର ମାଲକାନାଗିରି ଜିଲା ଗୋବିନ୍ଦପାଲ୍ଲୀ ତଥା ମାଥିଲି ବିଦ୍ୟାଳୟରେ ନାମ ଲେଖାଉଛନ୍ତି । ବେସରକାରୀ ବିଦ୍ୟାଳୟ ହୋଇଥିବାରୁ ମୋଟା ଅଙ୍କର ଫି ବାନ୍ଧିବାକୁ ପଡୁଥିବା ବେଳେ ପ୍ରତିଦିନ ଯାତାୟତ କରିବାକୁ ମଧ୍ୟ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଫଳରେ ଅନେକ ପିଲା ମାଟ୍ରିକ ପରେ ପାଠ ଛାଡୁଛନ୍ତି । ଆଦିବାସୀ କଲ୍ୟାଣ ବିଭାଗ ପକ୍ଷରୁ ବ୍ଲକରେ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ଖୋଲିବାକୁ ବହୁଦିନ ହେବ ପ୍ରସ୍ତାବ ଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ । ସେହିପରି ଆଦର୍ଶ ବିଦ୍ୟାଳୟରେ ଦଶମ ପରେ ଯୁକ୍ତ ୨ ଖୋଲି ନ ଥିବାରୁ ବହୁ ମେଧାବି ଆଦିବାସୀ ଛାତ୍ରୀଛାତ୍ର ସିବିଏସ୍‌ଇ କୋର୍ସରୁ ବଞ୍ଚିତ ହେଉଛନ୍ତି । ଯୁକ୍ତ ୨ ବିଜ୍ଞାନ ପଢିବାକୁ ଇଚ୍ଛା ଥିଲେ ମଧ୍ୟ ଅନେକ ପିଲା ବାଧ୍ୟ ହୋଇ କଳାରେ ଆଡିମିଶନ କରୁଛନ୍ତି, ଅଥବା ପାଠ ଛାଡୁଛନ୍ତି । ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।



ଅନାଥ ଶିଶୁଙ୍କୁ ଡାକ୍ତରଖାନାରେ ଚିକିତ୍ସିତ କରାଯାଉଛି ।

■ ସହକାରୀ ଜିଲାପାଳଙ୍କ ମାନବିକତା

# ଅନାଥ ପିଲାଙ୍କୁ ନିଜ ଗାଡ଼ିରେ ନେଲେ ମେଡିକାଲ

**କୋରାପୁଟ, ୨୧୯(ସ୍ୱ.ପ୍ର)**

କୋରାପୁଟ ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ସୋମବାର ଦୁର୍ଗମ ଅଞ୍ଚଳରେ ହାତଭାଙ୍ଗି ଯାଇଥିବା ଜଣେ ଅନାଥ ଶିଶୁଙ୍କୁ ନିଜ ଗାଡିରେ ଆଣି କୋରାପୁଟ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି । ମାଲକାନଗିରି ଜିଲା ମାଥିଲି ବ୍ଲକ କୋଟାପାଲି ପଞ୍ଚାୟତ ବାଟିଗୁଡା ଗ୍ରାମରେ ରୁହନ୍ତି ଉରା ମାଢି (୬) । ତାଙ୍କର ଗୋଟିଏ ହାତ କୌଣସି କାରଣରୁ ଭାଙ୍ଗି ଯିବାରୁ ସେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ । ଡ଼ାକ୍ତର ତାଙ୍କୁ କୋରାପୁଟ ଯିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ତାଙ୍କର କେହି ନ ଥିବାରୁ ସେ ଗ୍ରାମକୁ ଫେରିଯାଇଥିଲେ । ଏହି ଖବର କୋରାପୁଟ ସହକାରୀ ଜିଲାପାଳ ପାଇ ଉକ୍ତ ଗ୍ରାମରେ ପହଞ୍ଚି ତାଙ୍କୁ ନିଜ କାର ଯୋଗେ ଆଣି କୋରାପୁଟ ମେଡିକାଲରେ ଭର୍ତ୍ତି କରିଛନ୍ତି । ସୋମବାର ଉକ୍ତ ଶିଶୁର ଚିକିତ୍ସା କରାଯାଇଛି । କୋରାପୁଟ ସହକାରୀ ଜିଲାପାଳଙ୍କ ସହଯୋଗ ଯୋଗୁ ଜଣେ ଅନାଥ ଶିଶୁଙ୍କ ଚିକିତ୍ସା ହୋଇପାରିଥିବାରୁ ଏପରି ମାନବପଣିଆ କାର୍ଯ୍ୟକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଇଛି । ସହକାରୀ ଜିଲାପାଳ ପୂର୍ବରୁ କୋରାପୁଟ ଅଞ୍ଚଳରେ ବହୁ ଗରୀବ ପିଲାଙ୍କ ପାଠପଢା ଲାଗି ନିଜ ଦରମାରୁ ଅର୍ଥ ସହାୟତା କରିଥାନ୍ତି । ଏହି ଅଞ୍ଚଳର ପିଲାମାନଙ୍କୁ ବିଭିନ୍ନ ପରୀକ୍ଷା ନିମନ୍ତେ ପ୍ରଶିକ୍ଷଣ ଦେବା ଓ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ଶୁଣିଥାନ୍ତି ।

# ମତଦାତାଙ୍କ ପାଇଁ ସଚେତନତା ରାଲି




ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

**ପଟ୍ଟାଙ୍ଗୀ,୨୧୯(ଡି.ଏନ୍.ଏ.)**

ପଟ୍ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ମତଦାତାଙ୍କ ପାଇଁ ଏକ ସଚେତନତା ବୈଠକ ସହ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ଏଥିରେ ବିଡିଓ କରୁଣାକର ପ୍ରଧାନ ଓ ତହସିଲଦାର ଡ. ଅରୁଣ ଖଣ୍ଡା ବ୍ଲକର ୬୮ଟି ବୁଥ୍‌ର ବିଏଲ୍‌ଏଲ୍ ଓ ଛାତ୍ରୀଛାତ୍ରଙ୍କୁ ଭୋଟର ତାଲିକାର ମହତ୍ତ୍ୱ ବୁଝାଇବା ସହ ସେଥିରେ ରହିଥିବା ତ୍ରୁଟିପୂର୍ଣ୍ଣ ନାମ ପାଇଁ ଉପୁଜୁଥିବା ସମସ୍ୟା ଉପରେ ସଚେତନ କରିଥିଲେ । ଏଥିପାଇଁ ତହସିଲ କାର୍ଯ୍ୟାଳୟରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଛି । ସେଠାରେ ପହଞ୍ଚି ଭୋଟର ତାଲିକାରେ ରହିଥିବା ତ୍ରୁଟିଯୁକ୍ତ ନାମ ଓ ଫଟୋକୁ ସଂଶୋଧନ କରିବା ପାଇଁ କୁହାଯାଇଥିଲା । ଏହି ଅବସରରେ ବିଡିଓ ପ୍ରଧାନ ଓ ତହସିଲଦାର ଖଣ୍ଡା ବ୍ଲକ ଅଧୀନ ଗାଙ୍ଗରାଜପୁର ପଞ୍ଚାୟତର ୨୦୩, ୨୦୪ ଓ ପୋଡ଼ାପଦର ଗ୍ରାମର ୧୯୬ ବୁଥ୍ ଗସ୍ତକରି ମତଦାତା ସଚେତନତା କାର୍ଯ୍ୟକ୍ରମ ତଦାରଖ କରିଥିଲେ ।



ପତଞ୍ଜଳି ଯୋଗ ସମିତି ବୈଠକରେ ପ୍ରଭାରୀ ଓ ସଦସ୍ୟମାନେ ।

### ମତଦାତା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ

**ଜୟପୁର,୨୧୯(ନି.ପ୍ର.)**

ଜୟପୁର ଉପଜିଲାପାଳଙ୍କ ଦ୍ୱାରା ଉପଖଣ୍ଡସ୍ତରୀୟ ଭୋଟର ପ୍ରମାଣପତ୍ର ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହାର ଅନ୍ତର୍ଭୁକ୍ତ କୋଟପାଡ଼ ଏବଂ ଜୟପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କୁ ତ୍ରୁଟିଶୂନ୍ୟ ଭୋଟର ପରିଚୟପତ୍ର ଦେବା ପାଇଁ ବ୍ୟବସ୍ଥା ହୋଇଛି । ଏନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର ଉପଖଣ୍ଡ ଅଧୀନରେ ଆସୁଥିବା ସମସ୍ତ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟ ସ୍ତରରେ ସ୍ୱତନ୍ତ୍ର କେନ୍ଦ୍ର କରାଯାଇଛି । ଜୟପୁର ପୌରପାଳିକା ଓ କୋଟପାଡ଼ ବିଜ୍ଞାପିତ ପରିଷଦରେ ବି କେନ୍ଦ୍ର ଖୋଲିବାକୁ ବ୍ୟବସ୍ଥା ରହିଛି । ଏହା ସହ ଗ୍ରାମଞ୍ଚଳ ଭୋଟରଙ୍କ ପାଇଁ ପ୍ରତି ବୁଥ୍ ସ୍ତରରେ ଏହି ସୁବିଧା ଉପଲବ୍ଧ କରିବା ପାଇଁ ବୁଥ୍‌ସ୍ତରୀୟ ଏନରୋଲମେଣ୍ଟ ଅଧିକାରୀଙ୍କ ଉପରେ ଦାୟିତ୍ୱ ଦିଆଯାଇଛି । ଏନେଇ ବ୍ଲକ, ପୌରପାଳିକା ଓ ଉପଖଣ୍ଡ ସ୍ତରର ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସିଧାସଳଖ ଦିଲ୍ଲୀ ସହ ଯୋଡ଼ାଯାଇଛି । ଏହା ସେମାନଙ୍କୁ ଆବଶ୍ୟକ ସୂଚନା ଉପଲବ୍ଧ କରାଇବା ସହ ଭୋଟରଙ୍କୁ ଆବଶ୍ୟକ ସୂଚନା ଯୋଗାଇବାରେ ସହାୟକ ହେବ । ଭୋଟରଙ୍କ ଭିତରେ ସଂଶୟ ଥିଲେ ସେମାନେ ମୋବାଇଲ ଆପ୍ ମାଧ୍ୟମରେ ପଚାରିପାରିବେ । ଅକ୍ଟୋବର ୧୫ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ । ଆଧାର, ଡ୍ରାଇଭିଂ ଲାଇସେନ୍ସ, ଜବ୍ କାର୍ଡ଼କୁ ମିଶାଇ ୧୨ ପ୍ରକାର ପ୍ରମାଣପତ୍ର ଜରିଆରେ ଭୋଟର ପରିଚୟପତ୍ର ସଂଶୋଧନ କରାଯାଇପାରିବ । ସଂଶୋଧନ ପରେ ୧୬ ନଭେମ୍ବରରୁ ନୂତନ ଆବେଦନ ଗ୍ରହଣ କରାଯିବ ଓ ଜାନୁୟାରୀ ପହିଲାରୁ ଶେଷ ତାଲିକା ପ୍ରକାଶ ପାଇବ ବୋଲି ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା ସୂଚନା ଦେଇଛନ୍ତି ।

# ଓମ୍‌ପ୍ରକାଶ ମିଶ୍ରଙ୍କୁ ଅନ୍ତର୍ଜାତୀୟ ସମ୍ମାନ




ଶିକ୍ଷକ ଓମ୍ ପ୍ରକାଶ ମିଶ୍ରଙ୍କୁ ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ କରାଯାଉଛି ।

**ଜୟପୁର,୨୧୯(ଡି.ଏନ୍.ଏ.)**

୨୦୧୮ରେ ରାଷ୍ଟ୍ରପତିଙ୍କଠାରୁ ଶ୍ରେଷ୍ଠ ଶିକ୍ଷକ ପୁରସ୍କାର ପାଇଥିବା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ରଙ୍କୁ ଗତ ମଙ୍ଗଳବାର ଅନ୍ତର୍ଜାତୀୟ ଶିକ୍ଷା ସମ୍ମାନ ଦିଆଯାଇଛି । ନୂଆଦିଲ୍ଲୀରେ ଏକ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଆୟୋଜିତ ଏଜୁକେଶନ ଆଇକନ ଆୱାର୍ଡ ସମାରୋହରେ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ କରିଛନ୍ତି ଭାରତରେ ଅବସ୍ଥାପିତ ଆର୍ଜେଣ୍ଟିନାର ରାଷ୍ଟ୍ରଦୂତ ଡାନିଏଲ ଛୁବ୍ରୁ । ଏଥିପାଇଁ ୨୦ଟି ଦେଶରୁ ଶିକ୍ଷକମାନେ ଅନଲାଇନ ଆବେଦନ କରିଥିଲେ । ଏହି ଅବସରରେ ଘାନାର ସଚିବ ଆରୋନ ସିନ୍ତିମ, ସ୍ପେନର ଅନ୍ତର୍ଜାତୀୟ ଶିକ୍ଷାବିତ ମାରିଆ ଲୋପେଜ, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟର ଉପଦେଷ୍ଟା ବିଶାଳ ଗୁପ୍ତା ଉପସ୍ଥିତ ଥିଲେ । ସେହିପରି ଗତ ୧୭ ଓ ୧୮ ତାରିଖରେ ଓମ୍‌ପ୍ରକାଶ ଜାତୀୟ କାଉନସିଲ ଅଫ ଟେକ୍ନିକାଲ ଏଜୁକେଶନ (ଏନସିଇଟି) ପକ୍ଷରୁ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବୈଷୟିକ ଶିକ୍ଷା ଉପରେ ମତାମତ ରଖି ଉଚ୍ଚ ପ୍ରଶଂସିତ ହୋଇଥିଲେ ।

### ମୋଟର ଯାନ ଆଇନ ଉପରେ ସଚେତନ କଲା ପୋଲିସ

**ଜୟପୁର,୨୧୯(ନି .ପ୍ର/ଡି.ଏନ୍.ଏ.)**

ଭାରତ ସରକାରଙ୍କ ଦ୍ୱାରା ମୋଟର ଯାନ ଆଇନ ୧ ତାରିଖ ଠାରୁ ରାଜ୍ୟରେ ଲାଗୁ ହୋଇଛି । ଏନେଇ ଜୟପୁର ସଦର ପୋଲିସ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରିଛି । ମଙ୍ଗଳବାରଠାରୁ ଜନସାଧାରଣ, ମୋଟର ଯାନ ଚାଳକ ଏବଂ ମାଲିକମାନେ ନିୟମ ଉଲ୍ଲଂଘନ କଲେ ଜରିମାନା ଆଦାୟ କରାଯିବ ବୋଲି ସତର୍କ କରିଛି । ଆମ୍ବାଗୁଡା, ଟାଙ୍କୁଆ, କୁନ୍ତରଖାଲ ଆଦି ଅଞ୍ଚଳରେ ପୋଲିସ ଗାଡି ବୁଲି ସଚେତନ କରିଛି ।

■ ପତଞ୍ଜଳି ଯୋଗ ସମିତି ବୈଠକ

# ଗ୍ରାମାଞ୍ଚଳରେ ଯୋଗର ପ୍ରସାର ପାଇଁ ଆହ୍ୱାନ

**ଦାମନଯୋଡ଼ି,୨୧୯(ସ୍ୱ.ପ୍ର.)**

ସ୍ଥାନୀୟ ନାଲ୍‌କୋ ଶିଳ୍ପ ନଗରୀ ସେକ୍ଟର-୨ କମ୍ୟୁନିଟି ସେଣ୍ଟରରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ପ୍ରଭାରୀ ଡ. ନିରୋଦ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠରୁ ଓମ୍ ଦେବ୍ ଜୀ, କୋରାପୁଟ ଜିଲା ପ୍ରଭାରୀ ଅମ୍ବିକା ପାଣିଗ୍ରାହୀ, ମହିଳା ପ୍ରଭାରୀ ଜାନକୀ ପାଣିଗ୍ରାହୀ, ଜୟନ୍ତୀ ସାହୁ ଯୋଗଦେଇ ଗାଁ ଗାଁରେ ଯୋଗର ପ୍ରଚାର ପ୍ରସାର ପାଇଁ ମାର୍ଗଦର୍ଶନ କରିବା ସହ ଯୋଗ, ପ୍ରାଣାୟାମ, ଆୟୁର୍ବେଦ ଚିକିତ୍ସା ଓ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ପାଇଁ ଜନ ସଚେତନତା ସୃଷ୍ଟି କରିବା ଲାଗି ଆହ୍ୱାନ ଦେଇଥିଲେ । ନଇନା ପ୍ରଧାନ, ଗୌରୀ ଖିଲ, ଯୋଗେନ୍ଦ୍ର ସେଠୀ, ନିର୍ମଳ ନାୟକ, ପ୍ରକାଶ ଦାସ, ଅନିତା ଖରା, ବନିତା ପ୍ରଧାନ, ସଞ୍ଜୁ ନାୟକ, ସୁଜଳା ସାହୁ, ସରସ୍ୱତୀ ମୁର୍ମୁ, ଲୋଭାମୟୀ ବେହେରା, ଡ. ନରେଶ ଚନ୍ଦ୍ର ସାହୁ, ଡ. ଅଶୋକ ମହାନ୍ତି, ଅମୂଲ୍ୟ ସାହୁ, ନୃସିଂହ ପଟ୍ଟନାୟକ, ଅମ୍ବିକା ପ୍ରସାଦ ପାଣି, ନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବ୍ରହ୍ମାନନ୍ଦ ସାମଲ ଧନ୍ୟବାଦ ଦେଇଥିଲେ ।

■ ୨ ବର୍ଷ ହେଲା ସରୁନି କାମ

# ରାସ୍ତା ଖୋଳିଲେ ଉତ୍ତ୍ୟକ୍ତ ଗ୍ରାମବାସୀ

**ଦଶମନ୍ତପୁର, ୨୧୯ (ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ରେ ପିଏମ୍‌ଜିଏସ୍‌ୱାଇ ରାସ୍ତା କାମ ନିମ୍ନମାନର କରାଯାଉଛି । ଏମିତି କି ୨ ବର୍ଷ ହେଲା ଉକ୍ତ କାମ ଚାଲିଛି । କାମରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ସୋମବାର ରାସ୍ତାକୁ ଖୋଳି ଦେଇଛନ୍ତି । ସହକାରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିର୍ମାଣ ହେଉଥିବାରୁ ଅଳ୍ପ ଦିନରେ ରାସ୍ତା ଖରାପ ହୋଇଯାଉଥିବା ଅଭିଯୋଗ କରିଛନ୍ତି ।

ଏହି ବ୍ଲକ ଅଧୀନରେ ଥିବା ପିଣ୍ଡାପଦର ପଞ୍ଚାୟତକୁ ସଂଯୋଗ କରୁଥିବା ମାଙ୍କଡଗୁଡାରୁ ପିଣ୍ଡାପଦର ରାସ୍ତା ନିର୍ମାଣ କରାଯାଉଛି । ହେଲେ ମାଙ୍କଡଗୁଡାଠାରୁ ନିର୍ମାଣ କରା ନ ଯାଇ ଅଧା କରାଯାଇଛି । ଉକ୍ତ କାର୍ଯ୍ୟ ୨୦୧୭ ଜୁଲାଇରେ ଆରମ୍ଭ



ଗ୍ରାମବାସୀ ରାସ୍ତାକୁ ଖୋଳୁଛନ୍ତି ।

ହୋଇଥିଲା । ବିନା ସୂଚନା ଫଳକରେ ଏହା କରାଯାଉଛି । ଏହା ନିମ୍ନମାନର କରାଯାଉଥିବାରୁ ସାମାନ୍ୟ ବର୍ଷାରେ ଉକ୍ତ ରାସ୍ତା ନଷ୍ଟ ହୋଇଯାଇଛି । ନିର୍ମାଣ ନ ସରୁଣୁ ପିଚୁ ମଧ୍ୟ ଉଠିଗଲାଣି । ଫଳରେ ପିଣ୍ଡାପଦର ପଞ୍ଚାୟତକୁ ଯିବା ଆସିବା କରିବାରେ ଲୋକେ ଅସୁବିଧା ଭୋଗୁଛନ୍ତି । ଏହି ରାସ୍ତାର ଅବସ୍ଥା ଯୋଗୁ ଗର୍ଭବତୀ ଓ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ଏକ ପ୍ରକାରର ସ୍ୱପ୍ନ ପାଲଟିଛି । ଏହି ରାସ୍ତାରେ ନିର୍ମିତ ହେବାକୁ ଥିବା କଲଭର୍ଟ ମଧ୍ୟ କରାଯାଇ ନାହିଁ । ଏଠାରେ ଶ୍ରମିକମାନଙ୍କୁ ଠିକ୍ ଭାବେ ମଜୁରି ମଧ୍ୟ ଦିଆଯାଇ ନ ଥିବା ପଦିଆ ଜାନୀ, ଜୟ ଦାଶ ଦିଶାରୀ, ଧୋବା ମୁଦୁଲି, ଡମ୍ବୁ ଜାନୀ, ଶୁକୁ ଦିଶାରୀଙ୍କ ସମେତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସରକାର କରୁ ନାହାନ୍ତି । ଆମେ ତୁମ ପାଇଁ ରାସ୍ତା ନିର୍ମାଣ କରିଛୁ ବୋଲି ବେଖାତିର ଭାବେ ସମ୍ପୃକ୍ତ ସୁପରଭାଇଜର କହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବାଧ୍ୟ ହୋଇ ଗ୍ରାମବାସୀ କ୍ୟାମ୍ପ୍ ଘେରିବା ସହ ନବନିର୍ମିତ ରାସ୍ତାକୁ ଖୋଳି ଦେଇଛନ୍ତି । ସେହିପରି ଗାଦିଖାଲଠାରୁ ଆରଡି ଛକ ରାସ୍ତା ମଧ୍ୟ ନିମ୍ନମାନର ହୋଇଛି । ବର୍ତ୍ତମାନ ଯାଏଁ ସୂଚନା ଫଳକ ମଧ୍ୟ ନ ଥିବା ନଜରକୁ ଆସୁଛି । ତେବେ ଠିକାସଂସ୍ଥାର ଏଭଳି ନିମ୍ନମାନର କାର୍ଯ୍ୟକୁ ବିରୋଧ କରି ଜିଲାପାଳ ଓ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି ।

# ପୁରରୁ ପଲ୍ଲୀ ସବୁଠି ବିଘ୍ନରାଜଙ୍କୁ ଆବାହନ


ନବରଙ୍ଗପୁର ଜଗନ୍ନାଥ ମନ୍ଦିର ସାମ୍ନା ପୂଜା ମଣ୍ଡପ।


ଧୋଡ୍ରା ଅଞ୍ଚଳର ବାପୁଜୀ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା।


ଡାବୁଗାଁ ଜୟନ୍ତୀନଗର।


ନବରଙ୍ଗପୁର ରାଜୁସାହିସ୍ଥିତ ପ୍ରଥମ ଗଳି ପୂଜା ମଣ୍ଡପ।


ଡାବୁଗାଁ ବସଷ୍ଟାଣ୍ଡ।


ଉମରକୋଟ


ଉମରକୋଟ


ଧୋଡ୍ରା ଅଞ୍ଚଳ ମଙ୍ଗୁଳି ସାହି ପୂଜା କମିଟି ପକ୍ଷରୁ ଗଣେଶ ପୂଜା।

## ଗଣେଶ ପୂଜା ପାଳିତ ବର୍ଷା : ଦୋକାନ, ଘରେ ପଶିଲା ପାଣି

ଡାବୁଗାଁ/ଧୋଡ୍ରା, ୨।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ଧୂମଧାମରେ ସୋମବାର ପାଳିତ ହୋଇଯାଇଛି । ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟର ଅନ୍ତେବାସୀ ଗଣେଶ ପୂଜା କରିବା ସହ ନାଚଗୀତ ପରିବେଷଣ କରିଥିଲେ। ଏଥି ସହ ଡାବୁଗାଁ ବ୍ଲକ ସଦରମହକୁମା ବସଷ୍ଟାଣ୍ଡ, ଜୟନ୍ତୀନଗର , ଜଗନ୍ନାଥ ମନ୍ଦିର ନିକଟରେ ଓ ବହୁତ ଗୁଡିଏ ସ୍ଥାନରେ ଗଣେଶଙ୍କୁ ପୂଜା କରାଯାଇଛି। ବସଷ୍ଟାଣ୍ଡ, ଜୟନ୍ତୀନଗର, ଜଗନ୍ନାଥ ମନ୍ଦିର ନିକଟରେ ହୋଇଥିବା ଗଣେଶ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ, ରଙ୍ଗବେରଙ୍ଗ ଆଲୋକମାଳା ଦେଖିବା ପାଇଁ ଭକ୍ତଙ୍କ ଭିଡ ଜମି ଥିଲା । ସେହିପରି ଧୋଡ୍ରା ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ଗଣେଶ ପୂଜା ପାଳିତ ହୋଇଛି। ଧୋଡ୍ରାସ୍ଥିତ ସହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ, ସରକାରୀ ସେବାଶ୍ରମ ବିଦ୍ୟାଳୟ, ଅଲେଖ ମହିଳା ମହାବିଦ୍ୟାଳୟ,ଭୀମାଗୁଡା କନ୍ୟାଶ୍ରମ, ହରିଜନ ସାହିରେ ଗଜାନନଙ୍କ ପୂଜା ଧୂମଧାମରେ ପାଳିତ ହୋଇଛି। ସେହିପରି ଚାଟିଗୁଡାସ୍ଥିତ ତିଲୋତ୍ତମା ମହାବିଦ୍ୟାଳୟ, ବୈଷ୍ଣବ ସାହି ପୂଜା କମିଟି, ବିଜାପୁର, ବାପୁଜୀ ଯୁବକ ସଂଘ ପୂଜା କମିଟିରେ ବହୁ ଆଡମ୍ବରରେ ଗଣେଶ ପୂଜା ପାଳିତ ହୋଇଯାଇଛି। ପୁରପଲ୍ଲୀ ଆଲୋକମାଳାରେ ଝଲସି ଉଠୁଛି।

ପାପଡାହାଣ୍ଡି,୨।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକରେ ସୋମବାର ପ୍ରବଳ ବର୍ଷା ହୋଇଛି । ଡ୍ରେନ ପାଣି ନିଷ୍କାସନ ହୋଇ ନ ପାରି ବହୁ ଦୋକାନ ଓ ଘରେ ପଶି ଯାଇଥିଲା। ଏଥି ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିନ ତମାମ ଝିପି ଝିପି ବର୍ଷା ଲାଗି ରହିଥିବା ବେଳେ ମାଧାହ୍ନ ପରେ ବର୍ଷା ପରିମାଣ ଅଧିକା ହୋଇଥିଲା ସହରର ରାସ୍ତା ପ୍ରଶସ୍ତୀକରଣ ପରେ ଡ୍ରେନ କରା ଯାଇଛି । କିନ୍ତୁ ରାସ୍ତା ଓ ଡ୍ରେନ ତୁଳନାରେ ଦୋକାନ ଏବଂ ଘର ଗୁଡିକ ତଲୁଆ ହୋଇ ଯିବା ଯୋଗୁଁ ଅସରାଏ ବର୍ଷାରେ ପାଣି ଘର ଓ ଦୋକାନ ଭିତରେ ପଶିଯାଉଛି । ମୁଖ୍ୟତଃ ହାଟ ପଦା, ପାଇକ ସାହି ଓ ବସ ଷ୍ଟାଣ୍ଡ ଛକର ଦୋକାନୀମାନେ ଏଥିରେ ପ୍ରଭାବିତ ହୋଇଛନ୍ତି । ବର୍ଷା ଯୋଗୁଁ ହାଟପଦା ସାହିର ବଳରାମ ବିଶୋଇ, ଅନିଲ ବିଶୋଇ, ଶ୍ରୀନିବାସ ରାଓ, ସୁନୀଲ ବିଶୋଇ, ସୁବର୍ଣ୍ଣ ବିଶୋଇ, ଡମ୍ବୁ ରାଓ,



ଦୋକାନ ଓ ଘରେ ବର୍ଷା ପାଣି ଜମି ରହିଛି।

ଗଣେଶ ଶୁକରି, ମିନ ସୁକରି, ଧନୁର୍ଜୟ ହରିଜନ, ପ୍ରଦେଶ ସମୂହ, କୁମୁଦିନୀ ପଟ୍ଟନାୟକ, ଦଶରଥ ଯାନୀ, ତନି ରାଓ, ଜଟିଆ ପ୍ରଧାନ ପାଇକ ସାହିର କୁନି ହରିଜନ, ଗୀତା ପାଇକ, ପଦ୍ମା ପାଇକ, ଗୌରୀ ପାଇକ, ରୁକ୍ମିଣି ପାଇକ, ହେମ ମହାନ୍ତି, ଜଗନ୍ନାଥ ଯାନୀ, ଶଙ୍କର ରାଣା, ଗଗନ ପାଇକ, ଲକ୍ଷ୍ମୀ ପାଇକ, ସାହେବ ନାଇକ, କମଲୁ ଗୌଡ଼ଙ୍କ ଘରେ ପାଣି ପଶି ପ୍ରଭାବିତ ହୋଇଛି । ବସ ଷ୍ଟାଣ୍ଡ ଛକରେ ସଞ୍ଜୀବ ଅଗ୍ରୱାଲ, କୁନି ଅଗ୍ରୱାଲ, ପି ଭେଙ୍କେଟେସ ରାଓ, ବବଲୁ ଖାନ, ସତ ପାଲ ଚୌଧୁରୀ, ଏ ଝାଡେଶ୍ୱର ରାଓଙ୍କ ଦୋକାନରେ ପାଣି ପଶି ଯାଇଛି। ମୋଟର ଲଗାଇ ଓ ହାତରେ ଲୋକମାନେ ପାଣି କାଢିଥିଲେ । ଏହାର ସ୍ଥାୟୀ ସମାଧାନ ଲାଗି ଲୋକେ ଦାବି କରିଛନ୍ତି । ୮୫ ମି.ମି ବର୍ଷା ହୋଇଥିବା ଜଣାପଡିଛି । ବର୍ଷା ହେବାରୁ ଗଣେଶ ପୂଜା ଉପରେ ପ୍ରଭାବ ପକାଇବା ସହ ନୂଆଖାଇ ପାଇଁ ବ୍ୟବସାୟ ମାନ୍ଦା ହୋଇଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଚନ୍ଦାହାଣ୍ଡି,୨।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଅବସରପ୍ରାପ୍ତ ଶିକ୍ଷକ କାଶିନାଥ ପାଢୀ(୮୬)ଙ୍କ ଜମାଦାରପଡାସ୍ଥିତ ବାସଭବନରେ ସୋମବାର ପରଲୋକ ହୋଇଛି। ଚନ୍ଦାହାଣ୍ଡି ବ୍ଲକରେ ଶିକ୍ଷକତା ଆରମ୍ଭ କରି ପରବର୍ତ୍ତୀ ସମୟରେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ଏମପି ବଳଭଦ୍ର ମାଝି, ପ୍ରଦୀପ ମାଝି, ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଭାଜପା ଜିଲା ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ପିସିସି ସମ୍ପାଦକ କ୍ଷେମରାଜ ବାଘ, ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ, ବିଇଓ ଭଜନଲାଲ ମାଝି, ପୁରୁଷୋତ୍ତମ ପାରୀ, ଗୌରହରି ନାୟକ, ବ୍ଲକ ଖବରଦାତା ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## କଠିନ ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର



ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

ନବରଙ୍ଗପୁର,୨।୯(ବି.ପ୍ର)

ନବରଙ୍ଗପୁର ଜିଲା ଜଳ ଓ ପରିମଳ ମିଶନ ତରଫରୁ ଗ୍ରାମାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ଏକ ତିନିଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ ଶିବିରକୁ ଜିଲାପାଳ ଅଜିତ କୁମାର ମିଶ୍ର ଉଦଘାଟନ କରି ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ରହିଥିବା ଆଭିମୁଖ୍ୟକୁ ବୁଝାଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଗ୍ରାମ୍ୟ ଜଳଯୋଗଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ର କୁମାର ପାଢୀ ଉପସ୍ଥିତ ଥିଲେ। ଏହି ତାଲିମ ଶିବିରରେ ନବରଙ୍ଗପୁର ଜିଲାର ୪ଟି ବ୍ଲକର ୫ଟି ପଞ୍ଚାୟତ ୨୭ ଜଣ ତାଲିମ ନେଇଥିଲେ। ସରକାରଙ୍କ ଉକ୍ତ ଯୋଜନାକୁ ନିଜ ଅଞ୍ଚଳରେ କିଭଳି ସଫଳ ଭାବେ କାର୍ଯ୍ୟକାରୀ କରାଯାଇ ପାରିବ ସେ ବିଷୟରେ ତାଲିମ ଦିଆଯାଇଥିଲା। ରାଜ୍ୟସ୍ତରୀୟ ପ୍ରଶିକ୍ଷିକା ପୁଷ୍ପଲତା ପରିଡା, ସହ ପ୍ରଶିକ୍ଷକ ଦୀନବନ୍ଧୁ ପାଣି ଏବଂ ୟୁନିସେଫର ଜିଲା ପରିମଳ ପରାମର୍ଶଦାତା ବିଜୟ କୁମାର ସାହୁ ପରିଚାଳନା କରିଥିଲେ।

### ■ ଖବରଦାତାଙ୍କୁ ହତ୍ୟା ଧମକ ଦେବା ଘଟଣା

## ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଉଛି ପୋଲିସ

■ସ୍ଥାନୀୟ ବିଧାୟକ, ଏମପିଙ୍କୁ ଟାର୍ଗେଟ କଲା ଭାଜପା
■ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପଦାରେ ପଡିବା ବିଜେଡିଙ୍କୁ ଭୟ
ନ୍ୟାୟ ପାଇଁ ଭାଜପା ରାଜରାସ୍ତାକୁ ଓହ୍ଲାଇବ

ଉମରକୋଟ,୨।୯(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର 'ଧରିତ୍ରୀ' ପ୍ରତିନିଧି ଦିଲୀପ ଦାସଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ଏ ସମ୍ପର୍କରେ ସେ ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଏହାକୁ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ନିନ୍ଦା କରାଯାଇଛି। ଧମକ ଦେଇଥିବା ଅଭିଯୁକ୍ତଙ୍କୁ ସ୍ଥାନୀୟ ବିଜେଡି ବିଧାୟକ ଓ ଏମପିଙ୍କ ଚାପରେ ଗିରଫ କରାଯାଉ ନାହି ବୋଲି ଉମରକୋଟ ଭାଜପା କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ପୂର୍ବତନ ଏମପି ବଳଭଦ୍ର ମାଝି ଅଭିଯୋଗ କରିଛନ୍ତି। ସ୍ଥାନୀୟ ଶାସକ ଦଳର ନେତାଙ୍କ ଚାପରେ ଦେଓବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀଙ୍କ ମା' ଓ ବାପା ଗିରିଧାରୀ ମଲ୍ଲିକଙ୍କୁ ପୋଲିସ ଗିରଫ କରିବା ପରିବର୍ତ୍ତେ ସୁରକ୍ଷା ପ୍ରଦାନ କରୁଛି। ନଚେତ ଘରେ ପଶି ହତ୍ୟା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁନାହିଁ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଓଲଟି ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ଏତଲା ଦେବାକୁ ପ୍ରବର୍ତ୍ତାଇଛନ୍ତି ବୋଲି ବଳଭଦ୍ର କହିଛନ୍ତି । ଗିରିଧାରୀ ବିଜେଡି କର୍ମୀ । ଗତ ଲୋକସଭା ନିର୍ବାଚନରେ ପ୍ରଚାର କରିଥିବା ନଜିର ଅଛି । ତେଣୁ ଶାସକ ଦଳର କର୍ମୀ ହୋଇଥିବାରୁ ସ୍ଥାନୀୟ ନେତାଙ୍କ ଚାପରେ ତାଙ୍କୁ ପୋଲିସ ଜାଣିଶୁଣି ଗିରଫ କରୁନାହିଁ ବୋଲି ସେ କହିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ତେବେ ଆଗାମୀ ଦିନରେ ଭାଜପା ନ୍ୟାୟ ସକାଶେ ରାଜରାସ୍ତାକୁ ଆସିବ ବୋଲି ଚେତାବନୀ ଦେଇଛନ୍ତି । ଦୀର୍ଘ ୧୯ବର୍ଷ ଧରି ବିଜେଡି ରାଜ୍ୟରେ ତଥା ଝରିଗାଁ ନିର୍ବାଚନମଣ୍ଡଳୀରେ କ୍ଷମତା ଭୋଗ କରିଆସୁଛି । କିନ୍ତୁ ସ୍ୱାସ୍ଥ୍ୟସେବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କିତ ଖବର ପ୍ରକାଶ କଲେ ସ୍ଥାନୀୟ



ଖବରଦାତା ସମ୍ମିଳନୀରେ ପୂର୍ବତନ ଏମପି ବଳଭଦ୍ର ମାଝି ଓ ଅନ୍ୟମାନେ।

ବିଜେଡି ନେତାମାନେ ପ୍ରତିକ୍ରିୟାଶୀଳ ହୋଇଉଠୁଛନ୍ତି। ସ୍ୱାସ୍ଥ୍ୟସେବାର ଅପରାଗତା ଗୁମର ପଦାରେ ପଡିଯିବା ଭୟ ସେମାନଙ୍କୁ ଘାରୁଛି। ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପଦକ୍ଷେପ ନ ନେଇ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛନ୍ତି। କଳବଳ ପ୍ରୟୋଗ କରି ଗଣମାଧ୍ୟମର କଣ୍ଠରୋଧ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଦେଓବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିଥିବାରୁ ଚିକିତ୍ସିତ ହେବାକୁ ଆସିଥିବା ୬ଜଣ ଛାତ୍ର ଚିକିତ୍ସା ନପାଇ ଡାକ୍ତରଖାନା ବାରଣ୍ଡାରେ ଜ୍ୱରରେ ଆକ୍ରାନ୍ତ ହୋଇ ଗଡିବା ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହା ପରେ ଦିଲୀପଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ କର୍ମୀଙ୍କ ମା' ଓ ବାପା ଗିରିଧାରୀ ହତ୍ୟା ଧମକ ଦେଇଥିଲେ। ଏ ସମ୍ପର୍କରେ ଦିଲୀପ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଚନ୍ଦାହାଣ୍ଡି ଥାନାରେ ନଂ.୯୦/୧୯ରେ ମାମଲା ରୁଜୁ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ସେପ୍ଟେମ୍ବର ୩ /୨୦୧୯ Rayagada, Tuesday, September 3/ 2019




ମାଲକାନଗିରିର ବାଲିସାଗର ଷ୍ଟ୍ରିଟ ଓ ବସଷ୍ଟାଣ୍ଡରେ ହୋଇଥିବା ପୂଜା ମଣ୍ଡପ ।



ପଡିଆ ଅଞ୍ଚଳରେ ପୂଜା ପାଉଛନ୍ତି ଗଜାନନ ।



ପାଣ୍ଡ୍ରିପାଣି ସେବାଶ୍ରମ ।




ଚିତ୍ରକୋଣ୍ଡା ଅଞ୍ଚଳରେ ପୂଜାମଣ୍ଡପରେ ଲମ୍ବୋଦର ।




କୋରକୋଣ୍ଡା ତଳସାହି ମାଉଲିମା ଯୁବ ପରିଷଦ ଓ ଗୋପବନ୍ଧୁ ଯୁବ ପରିଷଦ ପୂଜାମଣ୍ଡପ ।



କୁଡୁମୁଲୁଗୁମ୍ମାରେ ପୂଜାର୍ଚ୍ଚନା ।



ଗୋବିନ୍ଦପାଲ୍ଲୀ ମାର୍କେଟ ଅଞ୍ଚଳରେ ପୂଜା ।



ପାଣ୍ଡ୍ରିପାଣି ସରସ୍ୱତୀ ଶିଶୁମନ୍ଦିରରେ ପୂଜା ।



କାଲିମେଳା ଛକରେ ଭୈରବୀ ଯୁବକ ସଂଘର ପୂଜାମଣ୍ଡପ ।

# ସବୁଠି ଗଜାନନଙ୍କ ଆରାଧନା

ମାଲକାନଗିରି/ପାଣ୍ଡ୍ରିପାଣି/କାଲିମେଳା/ଚିତ୍ରକୋଣ୍ଡା/କୁଡୁମୁଲୁଗୁମ୍ମା/ଏମଭି-୭୯,୨।୯ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ବିଘ୍ନରାଜ ଗଣେଶଙ୍କ ପୂଜା ସୋମବାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଛି । ସହରରେ ବନବିଭାଗ କାର୍ଯ୍ୟାଳୟଠାରେ ପରିବେଶକୁ ନେଇ ପୂଜାମଣ୍ଡପ ପ୍ରସ୍ତୁତ ହୋଇଛି । ତେବେ ଜିଲାରେ ଝିପିଝିପି ବର୍ଷା ଲାଗି ରହିଥିବାରୁ ଅନେକ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ କମିଥିବା ପରିଲକ୍ଷିତ ହୋଇଛି । ମାଲକାନଗିରି ସହରରେ ଗତବର୍ଷ ୩୬ଟି ସ୍ଥାନରେ ଗଣେଶ ପୂଜା ମଣ୍ଡପ ହୋଇଥିବା ବେଳେ ଚଳିତବର୍ଷ ଅନେକ ସାହିରେ ପୂଜା ଦେଖିବାକୁ ମିଳିନାହିଁ । ଛୋଟବଡ ହୋଇ ୨୨ଟି ସ୍ଥାନରେ ପୂଜା ହେଉଛି । ପୂର୍ବାହ୍ନରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନୂତନ ପୋଷାକ ପରିଧାନ କରି ଭୋଗ ସାମଗ୍ରୀ ନେଇ ଗଣେଶଙ୍କ ପୂଜାର୍ଚ୍ଚନା କରି ପୁଷ୍ପାଞ୍ଜଳି ଦେଇଥିଲେ ।

ପାଣ୍ଡ୍ରିପାଣି, ପେଦାୱାଡା, ଗଙ୍ଗଲା, ବୀରଲକ୍ଷ୍ମଣପୁର, ମାର୍କାପାଲି, ପାଣ୍ଡ୍ରିପାଣି ଓ ସେରପାଲ୍ଲୀ ପଞ୍ଚାୟତରେ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ବିଭିନ୍ନ ଗ୍ରାମରେ ଯୁବକ ସଂଘ ପକ୍ଷରୁ ମଧ୍ୟ ପୂଜା ହୋଇଛି । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଆଶ୍ରମ ବିଦ୍ୟାଳୟଗୁଡିକରେ ଆନନ୍ଦଉଲ୍ଲାସର ସହ ପିଲାମାନେ ପୂଜା ପାଳିଛନ୍ତି । ମାର୍କାପାଲ୍ଲୀ କଲୋନୀର ଛୋଟ ପିଲାମାନେ ସୁନ୍ଦର ଭାବରେ ମଣ୍ଡପ ସଜାଇ ପୂଜା କରିଛନ୍ତି । ବୀରଲକ୍ଷ୍ମଣପୁର ଓ ଗଞ୍ଜେଇବାହାଲ ଯୁବକ ସଂଘ ଗଣେଶଙ୍କ ମୂର୍ତ୍ତି ରାସାୟନିକ ରଙ୍ଗରେ ନ କରି ପ୍ରାକୃତିକ ରଙ୍ଗରେ ତିଆରି କରିଛନ୍ତି । ଆମ ପୂଜା ୭ଦିନ ଧରି ଚାଲିବ ବୋଲି ଉଭୟ ଯୁବକ ସଂଘ ସଭାପତି କହିଛନ୍ତି ।

କାଲିମେଳା ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ଭାରତୀୟ ବିଦ୍ୟା ନିକେତନ ଗୁରୁକୁଳ ବିଦ୍ୟାଳୟ, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିଶୁ ବିଦ୍ୟାମନ୍ଦିର, ଗମ୍ପାକୋଣ୍ଡା, କାଙ୍ଗୁରୁକୋଣ୍ଡା, ମାଙ୍ଗିପାଲ୍ଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏମଭି-୭୨ ସମେତ ବିଭିନ୍ନ ସ୍ଥାନରେ ବିଘ୍ନରାଜ ଗଣେଶଙ୍କ ପୂଜା ପାଳିତ ହୋଇଛି । ବଜାର ଉପରେ ମା ଭୈରବ କ୍ଲବ ପକ୍ଷରୁ ହୋଇଥିବା ପୂଜା ମଣ୍ଡପକୁ ଆଲୋକମାଳାରେ ସଜ୍ଜାଯାଇଛି । ଜଗନ୍ନାଥ ମନ୍ଦିର ନିକଟରେ ଜେକେ ବଏଜ ଗ୍ରୁପ୍ ପକ୍ଷରୁ ପୂଜା ହେଉଥିବା ବେଳେ ଚଳିତବର୍ଷ ବସଷ୍ଟାଣ୍ଡଠାରେ ନୂତନ ଭାବେ ଗଣେଶ ପୂଜା ହେଉଛି । ଏଥିସହ ମେଡିକାଲ ଛକ, ହନୁମାନ ସାହି, ପରିବା ମାର୍କେଟରେ ମଧ୍ୟ ପୂଜା ହେଉଥିବା ଦେଖିବାକୁ ମିଳିଛି ।

ଚିତ୍ରକୋଣ୍ଡା ସହରରେ ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଗଣେଶଙ୍କ ପୂଜାର୍ଚ୍ଚନା ହୋଇଛି । ଅଞ୍ଚଳରେ ଥିବା ୧୦ରୁ ଅଧିକ ବିଦ୍ୟାଳୟରେ ପୂଜା ହେଉଛି । ବ୍ୟାଙ୍କଛକ, ସ୍ପୋର୍ଟସ କ୍ଲବ, ହାଟପଦା, ୟୁଥ କ୍ଲବ, ହନୁମାନ ଛକ, ବସ ଷ୍ଟାଣ୍ଡ, ପଞ୍ଜାବୀ ଛକ, ଦୈନିକ ବଜାର, ମାର୍କେଟ ଲାଇନରେ ପୂଜା ହେଉଥିବା ଦେଖିବାକୁ ମିଳିଛି । ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ମାଳିଗୁଡା, ଦାତନୁଗୁଡା, ଇନ୍ଦିରା କଲୋନୀ, ପାଲାମ, ଆରଏସସି-୪, ୬, ୫, ୨, ୧୧, ୧୦, ୧୨ ସମେତ ସ୍ୱାଭିମାନ ଅଞ୍ଚଳରେ ଲମ୍ବୋଦର ପୂଜା ପାଉଛନ୍ତି । ଆକର୍ଷଣୀୟ ଢଙ୍ଗରେ ପୂଜା ମଣ୍ଡପ ସବୁ ସଜ୍ଜାଯାଇଛି ।

କୁଡୁମୁଲୁଗୁମ୍ମାସ୍ଥିତ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ସହ ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ ହୋଇଯାଇଛି । ଉକ୍ତ ଅଞ୍ଚଳର ସିଦ୍ଧି ବିନାୟକ ଯୁବକ ସଂଘ ଓ ବଜାର ସଂଘ ପକ୍ଷରୁ ପୂଜା ହେଉଛି । ପୂଜା ମଣ୍ଡପକୁ ଆକର୍ଷଣୀୟ କରି ସଜ୍ଜାଯାଇଛି । ଅଗ୍ରପୂଜ୍ୟଙ୍କୁ ପୂଜା ଆରାଧନା ପାଇଁ ପୂଜା ମଣ୍ଡପଗୁଡିକରେ ଭିଡ ଲାଗିଥିବା ଦେଖିବାକୁ ମିଳିଛି ।

ଏମ୍‌ଭି-୭୯ ଅଞ୍ଚଳରେ ୨୫ଟି ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଗଜାନନ । ସେହିପରି ଅଗ୍ରପୂଜ୍ୟଙ୍କ ଆରାଧନା ଅଞ୍ଚଳର ବିଭିନ୍ନ ମଣ୍ଡପ ଓ ବିଭିନ୍ନ ଜାଗା ଆଲୋକ ମାଳାରେ ସଜେଇ ହୋଇଛି । ଏଥିସହ ଘରେ ଘରେ ମଧ୍ୟ ବିଘ୍ନ ବିନାଶକଙ୍କୁ ପୂଜା କରାଯାଉଛି । ଆଜି ଏମ୍‌ଭି ୭୯ ଇରିଗେଶନ କଲୋନୀଠାରେ ହୋଇଥିବା ପୂଜା ମଣ୍ଡପରେ ଗଜାନନ ତ୍ରିରଙ୍ଗା ପତାକା ଧରିଥିବା ଦେଖିବାକୁ ମିଳିଛି । ପୂଜା କମିଟି ପକ୍ଷରୁ ଧାରା ୩୭୦ ଉଚ୍ଛେଦ ଥିମ୍‌କୁ ନେଇ ଏହି ମୂର୍ତ୍ତି ନିର୍ମାଣ କରାଯାଇଥିବା ଜଣାପଡିଛି । ପୂଜା କମିଟି ସଦସ୍ୟ ଜଗନ୍ନାଥ ଷଡଙ୍ଗୀ, ଚନ୍ଦ ସାଇଁ, ଚିତ୍ରସେନ ମହାରଣା, ଶ୍ରୀକାନ୍ତ ବେହେରା ପୂଜା ପରିଚାଳନା କରୁଛନ୍ତି ।

## ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ମାଲକାନଗିରି,୨।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଦ୍ୟାଳୟ ଆଇନ ସ୍ୱାକ୍ଷରତା କ୍ଲବ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ରବିବାର ନାଟକ, ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ରୋହିତଲାଲ ପଣ୍ଡା ଉଦ୍‌ଘାଟନ କରିଥିଲେ । ଅତିରିକ୍ତ ଜିଲା ଜଜ୍ ପ୍ରଜ୍ଞାନଳିନୀ ମିଶ୍ର, ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ, ପ୍ରାଧିକରଣ ସଚିବ ଅମରେଶ ନାୟକ, ବରିଷ୍ଠ ଦେୱାନି ବିଚାରପତି ସୁଚିତା କୃପାଳିନୀ, ଏସ୍‌ଡିଜେଏମ୍ କୃଷ୍ଣଚନ୍ଦ୍ର ନାୟକ, ଜେଏମ୍‌ଏଫସି ଅଜିତ କୁମାର ସିଂ, ଶ୍ରୀକାନ୍ତ ପାଢୀ, ପଦ୍ମନାଭ ମାଝି, କୋର୍ଟ ମ୍ୟାନେଜର ଶ୍ରବଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଆଇନସେବା ପ୍ରାଧିକରଣ ପକ୍ଷରୁ ମିଳୁଥିବା ବିଭିନ୍ନ ସହାୟତା ଉପରେ ଆଧାରିତ ନାଟକ ଛାତ୍ରୀଛାତ୍ରମାନେ ପରିବେଷଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ୩ଦିନ ହେଲାଣି ଅନ୍ଧାରରେ ପଦ୍ମଗିରି ବଜାର

ପଦ୍ମଗିରି,୨।୯

ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତ ସଦର ମହକୁମାରେ ଥିବା ବଜାର ଗତ ତିନିଦିନ ହେଲା ଅନ୍ଧାରରେ ରହିଛି । ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅ କ୍ଷୟ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ଦାଶରଥି ପଡିଆମି, ମାଲକାନଗିରି ବିଧାୟକ ପ୍ରତିନିଧି ଅଶୋକ ବୈଦ୍ୟ ଏବଂ ଜିଲା ପରିଷଦ ସଭ୍ୟା ପଦ୍ମଗିରିରେ ବସବାସ କରୁଥିବା ବେଳେ ପଦ୍ମଗିରି ବଜାର ୩ଦିନ ଅନ୍ଧାର ରହିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ବିଦ୍ୟୁତ୍ ନ ଥିବାରୁ ବ୍ୟବସାୟୀ, ଖାଉଟି ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ର, ବ୍ୟାଙ୍କ ସେବା, ପଞ୍ଚାୟତ କାର୍ଯ୍ୟାଳୟ, ଲ୍ୟାମ୍ପ କାର୍ଯ୍ୟାଳୟ, ଡାକ୍ତରଖାନା ଆଦି ପ୍ରଭାବିତ ହୋଇଛି । ଏ ସମ୍ପର୍କରେ ସାଉଥ୍‌କୋ ଏସ୍‌ଡିଓଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପଦ୍ମଗିରି ବଜାର ନିକଟରେ ଥିବା ଟ୍ରାନ୍ସଫର୍ମର ଗତ ୩ ଦିନ ତଳେ ପୋଡିଯାଇଥିବାରୁ ,ପରି ପରିସ୍ଥିତି ସୃଷ୍ଟି ହୋଇଛି । ବର୍ତ୍ତମାନ ଟ୍ରାନ୍ସଫର୍ମର ପାଇଁ ଅର୍ଡର ହୋଇଛି । ଟ୍ରାନ୍ସଫର୍ମର ଆସିଲେ ପଦ୍ମଗିରି ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେବ ।

## ଲୋକଙ୍କ ନିକଟତର ହେବାକୁ ବିଏସଏଫ ପକ୍ଷରୁ ପ୍ରୟାସ

ମାଥିଲି, ୨।୯ –

କେତେବେଳେ ଲୋକଙ୍କୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତ କେତେବେଳେ ପିଲାଙ୍କୁ ପାଠ୍ୟୋପକରଣ ବାଣ୍ଟି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରୁଥିବା ବିଏସ୍‌ଏଫ୍ ଏବେ ଗଣେଶ ପୂଜା ଅବସରରେ ଲୋକଙ୍କୁ ଖାଇବାକୁ ଦେଇ ନିକଟତର ହେବାକୁ ପ୍ରୟାସ କରିଛି । ଗଣେଶ ପୂଜାରେ ଦୁର୍ଗମ ଲାଲଗଡବାସୀଙ୍କୁ ଖାଇବାକୁ ଦେଇ ମନ କିଣିବାକୁ ଉଦ୍ୟମ କରିଛନ୍ତି ଯବାନମାନେ । ଏପରି ଅଭିନବ ଉପାୟ ଆପଣାଇଛନ୍ତି ମାଓବାଦୀ ଉପଦ୍ରୁତ କୋରାପୁଟ ଜିଲା ସୀମାନ୍ତ ବୈପାରିଗୁଡା ବ୍ଲକ ଅନ୍ତର୍ଗତ ତେନ୍ତୁଲିଗୁମ୍ମା ଗ୍ରାମରେ ଅବସ୍ଥାପିତ ବିଏସ୍‌ଏଫ୍ ଯବାନ । କ୍ୟାମ୍ପର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ନେତୃତ୍ୱରେ ଖେଚୁଡି ପ୍ରସ୍ତୁତ କରି ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ସେମାନେ ଖାଇବାକୁ ଦେଇଥିଲେ । ଏହି ଅବସରରେ ବିଏସଏଫ ଯବାନ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଏସ୍‌ଏଫ୍ ଯବାନଙ୍କ ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି । ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲାର ବୈପାରିଗୁଡା ମାଥିଲି ବ୍ଲକ ସୀମାନ୍ତରେ ରହିଛି ।

सत्यमेव जयते

‘ନୂଆଖାଇ’ –୨୦୧୯ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ ‘ନୂଆଖାଇ’ ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ

(ଗଣେଶୀ ଲାଲ)

ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆଖାଇ ଜୁହାର୍

ପଶ୍ଚିମ୍ ଓଡ଼ିଶାର୍ ଭାଏ ବହେନ୍ ମାନ୍‌କୁ ମୋର୍ ନୂଆଖାଇ ଜୁହାର୍ । ମା ସମ୍‌ଲେଶ୍ୱରୀଙ୍କ ଦୟାରୁ ଆପଣ ମାନ୍‌ଙ୍କର୍ କୁଟୁମ୍ବ, ପିଲାଛୁଆ ସଭେ ଭଲ୍‌ରେ ରହୁନ୍ । ଚାଷ୍‌ବାସ୍, ବେପାର୍ ବାଡି ସବୁ ଭଲ୍‌ରେ ହଉ । ଇଟା ମୋର୍ କାମନା ।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-22

15001/13/0033/1920



‘ନୂଆଖାଇ’ – ୨୦୧୯ ଅବସରରେ ବାର୍ତ୍ତା

କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶାର ସମସ୍ତ ଭାଇଭଉଣୀ ତଥା ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସଂପ୍ରୀତି ଓ ସମୃଦ୍ଧିର ଏହି ଲୋକପର୍ବରେ ଆରାଧ୍ୟା ଦେବୀ ମା’ ସମଲେଇ ସମସ୍ତଙ୍କୁ କୃପା କରନ୍ତୁ, ଧରିତ୍ରୀ ମା’ ଶସ୍ୟ ଶ୍ୟାମଳା ହେଉ, କୃଷକମାନେ ସଶକ୍ତ ହୁଅନ୍ତୁ ଏବଂ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଉଲ୍ଲାସ ଭରିଯାଉ, ଏହାହିଁ କାମନା କରୁଛି ।

ରଘୁନନ୍ଦନ ଦାସ

(ରଘୁନନ୍ଦନ ଦାସ)

ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍

# ଧରାବତରଣ କଲେ ବିଘ୍ନବିନାଶକ


ରାୟଗଡ଼ା ଇନ୍ଦିରାନଗର ଚ୍ୟାଲେଞ୍ଜର ୟୁଥ୍ ଆସୋସିଏଶନ।


ରାୟଗଡ଼ା ନିୟୁ କଲୋନୀ।


ଗୁଣପୁର ଏସ୍‌ବିଆଇ ବ୍ୟାଙ୍କ ଛକ।


ବିଷମକଟକ।


ଟିକିରି ବଣିକ ସଂଘ।


ମୁନିଗୁଡ଼ା


ଟିକିରି ଆଦିତ୍ୟବିର୍ଲା ସ୍କୁଲ।


ଗୁଣପୁର ମୋତିଲାଲ ନଗର।



ଗୁଡ଼ାରୀ

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ, ଜଣେ ଗୁରୁତର



ବିଷମକଟକ, ୨।୯: ରାୟ୍‌ଗଡା ଜିଲା ବିଷମ କଟକ ବ୍ଲକ ଉର୍ଲାଯୋଡି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆଜି ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ସୁଙ୍କୁପାଡି ଗ୍ରାମର ପୁରୁ ପିଡିକାକା(୨୮)। ସେହିଭଳି ଉକ୍ତ ଗାଁର ଦାସିରି କୁତ୍ରୁକା ଗୁରୁତର ଅଛନ୍ତି। ପ୍ରକାଶ ଯେ, ପୁରୁ ଓ ଦାସିରି ସାଇକେଲ ଯୋଗେ ଉର୍ଲାଯୋଡି ଗାଁରୁ ସୁଙ୍କୁପାଡିକୁ ଯାଉଥିଲେ। ଏହି ସମୟରେ ରାସ୍ତାକଡ଼ରେ ଥିବା ଇଲେକ୍ଟ୍ରି ଖୁଣ୍ଟିରୁ ହଠାତ୍ ତାଙ୍କ ଉପରେ ତାର ଛିଣ୍ଡି ପଡିଥିଲା। ଘଟଣାସ୍ଥଳରେ ପୁରୁ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ଦାସିରିଙ୍କୁ ଉଦ୍ଧାର କରି ବିଷମକଟକସ୍ଥିତ ଖ୍ରୀଷ୍ଟିଆନ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଖବରପାଇ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଦ୍ୟୁତ୍ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳକୁ ଯାଇ ନ ଥିବାରୁ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଲୋକଙ୍କୁ ବୁଝାଇବା ପରେ ସ୍ଥିତି ସ୍ୱାଭାବିକ ହୋଇଛି।

### ଲିଫ୍ଟ ଖସି ୨ ଗୁରୁତର

ରାୟ୍‌ଗଡା ଅଫିସ, ୨।୯: ରାୟ୍‌ଗଡ଼ା ନିୟୁ କଲୋନୀସ୍ଥିତ ହୋଟେଲ ସାଇ ନିଳାଦ୍ରୀର ଲିଫ୍ଟ ଖସି ସୋମବାର ୨ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହୋଟେଲ ୱେଲଟର ଚିତ୍ତରଞ୍ଜନ ମହାରଣା (୨୮) ଓ କ୍ୟାପେଟନ ଏମ୍‌ଡି ସାକିର ହୁଦିନ। ଚିତ୍ତରଞ୍ଜନଙ୍କ ଘର ଯାଜପୁର ଓ ଏମ୍‌ଡି ସାକିରଙ୍କ ଘର ଚଣ୍ଡୀଖୋଲର ବୋଲି ଜଣାପଡିଛି। ସୂଚନାନୁଯାୟୀ, ଚିତ୍ତରଞ୍ଜନ ଏମ୍‌ଡି ସାକିର କୌଣସି କାମରେ ଲିଫ୍ଟ ଯୋଗେ ତୃତୀୟ ମହଲାରୁ ତଳକୁ ଆସିଥିବାବେଳେ ହଠାତ୍ ଲିଫ୍ଟ ଦୌଡିଟି ଖସି ପଡିଥିଲା। ଏଥିରେ ଉଭୟ ଗୁରୁତର ହୋଇଛନ୍ତି। ହୋଟେଲ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳରେ ଭର୍ତ୍ତି କରିଛନ୍ତି। ଚିତ୍ତରଞ୍ଜନଙ୍କର ଗୋଡ ଭାଙ୍ଗି ଯାଇଛି। ଏମ୍‌ଡି ସାକିରଙ୍କ ଛାତିରେ ଆଘାତ ଲାଗି ଥିବାରୁ ଡାକ୍ତର ତାଙ୍କୁ କୋରାପୁଟ ସ୍ଥାନାନ୍ତର କରିଛନ୍ତି।

■ ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ, ପଥଚାରୀ ଗୁରୁତର

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ରାୟଗଡ଼ା ଅଫିସ, ୨।୯

■ ପ୍ରଶାସନ ହସ୍ତକ୍ଷେପ ପରେ ହଟିଲା ରାସ୍ତାରୋକୋ

■ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୧୦ହଜାର ଟଙ୍କା ସହାୟତା

ରାୟଗଡ଼ା ଜିଲା କୋଲନରା ବ୍ଲକ ଭୁଜବଳ ଗ୍ରାମ ସୀତାକଟା ବ୍ରିଜ ନିକଟରେ ସୋମବାର ଏକ ମାଲବାହୀ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବାବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଦିନ ୨ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତା ଦେଇ ଗାଡି ଚଳାଚଳ ବନ୍ଦ ଥିଲା। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶ ଯେ, କୋଲନରାରୁ ରାୟଗଡ଼ା ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରକ ସୀତାକଟା ବ୍ରିଜ ନିକଟ ଜାତୀୟ ରାଜପଥ ୩୨୬ରେ ଭାରସାମ୍ୟ ହରାଇ ସାଇକେଲ ଆରୋହୀ ଗୁଆବଂଶ ଚୈତନ୍ୟ(୪୫) ଓ ପଥଚାରୀ ବୀରସେନ ସିଂ(୫୦)ଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଗୁଆବଂଶ ଚୈତନ୍ୟ ପ୍ରାଣ ହରାଇ ଥିବାବେଳେ ବୀରସେନ ଗୁରୁତର ହୋଇଥିଲେ। ଘଟଣାସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ଅଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗାଡି ଚଳାଚଳ ବନ୍ଦ ଥିଲା। ବିଡିଓ ତାପସ ଭୋଇ ଓ ଚାନ୍ଦିଲି ଥାନା ଆଇଆଇସି ଅଜିତ୍ କୁମାର ସ୍ୱାଇଁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ୩ଦିନ ମଧ୍ୟରେ ଘଟଣାର ସମାଧାନ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ରେଡ୍‌କ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି।


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।


ଗୁଣପୁର ଜେଲ୍‌ପେଟା।

■ ଚଳଚ୍ଚିତ୍ରରେ ସଚେତନତାର ବାର୍ତ୍ତା

## ଝିଅ ଜନ୍ମ ଅଭିଶାପ ନୁହେଁ, ଭଗବାନ୍‌ଙ୍କ ବରଦାନ

ପଦ୍ମପୁର, ୨।୯ (ଡି.ଏନ୍.ଏ.)

**ରାୟଗଡ଼ା କଳାକାରଙ୍କ ପ୍ରୟାସ**

ସମାଜରେ ପୁଅ, ଝିଅଙ୍କ ମଧ୍ୟରେ ଭେଦଭାବ ରହିଥିଲା। ଗାଁ ଗହଳିରେ କୁସଂସ୍କାର କମୁନି। ଝିଅ ଜନ୍ମ କରିଥିବା ମା'ଟି ଶୋଷଣର ଶିକାର ହେଉଛି। ସେହିଭଳି ଜନ୍ମିତ ଝିଅକୁ ତା'ର ଅଧିକାର ମିଳୁ ନ ଥିବା ବେଳେ ପୁଅଟି ସମସ୍ତ ଅଧିକାର ଉପଭୋଗ କରୁଛି। ଝିଅ ଜନ୍ମ କଲେ ସାତ ପୁରୁଷ ପିଣ୍ଡ ପାଆନ୍ତି ନାହିଁ ବୋଲି ଗାଁମାନଙ୍କରେ ଲୋକକଥା ଏବେ ବି ପ୍ରଚଳିତ। କିନ୍ତୁ ସମୟ ସହ କେତେକ ଲୋକଙ୍କ ଚିନ୍ତାଧାର କିପରି ବଦଳୁଛି, ଏହାକୁ ନେଇ ରାୟଗଡ଼ା ପଦ୍ମପୁର ଅଞ୍ଚଳ କଳାକାରମାନେ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ଝିଅ ନୁହେଁ ସେ ମୋ ମା' ପ୍ରସ୍ତୁତ କରିଛନ୍ତି। ବାର୍ଦ୍ଧକ୍ୟ ଅବସ୍ଥାରେ ଝିଅମାନେ ମା' ଭଳି କିଭଳି ସେବା କରୁଛନ୍ତି ତାହା ମଧ୍ୟ ଏଥିରେ ଚିତ୍ରିତ ହୋଇଛି। ଭଣ୍ଡ ବାବାଙ୍କ ପ୍ରତି ସାବଧାନ ରହିବାକୁ ଏଥିରେ ବାର୍ତ୍ତା ଦିଆଯାଇଛି। ଏମ୍‌ବିଏସ୍ ଓଡ଼ିଆ ଚ୍ୟାନେଲ ପକ୍ଷରୁ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାରମାନେ ପେସାରେ କିନ୍ତୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ବ୍ୟବସାୟୀ। ସେମାନଙ୍କ ପେସା କିଛି ଅଲଗା ଥିବାବେଳେ ନିଶା କିନ୍ତୁ ଅଭିନୟ। ପଦ୍ମପୁର, ଗୁଣପୁର ଓ ରାୟଗଡ଼ା ଅଞ୍ଚଳର କଳାକାରମାନେ ମଧ୍ୟ ସାମିଲ ହୋଇଛନ୍ତି। କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦେଇଛନ୍ତି ମନୋଜ ଜେନା, ଯେ କି ପେସାରେ ଜଣେ ଶିକ୍ଷକ। ପ୍ରଯୋଜନା ଦେଇଛନ୍ତି ସି.ଏଚ୍. ଗଣେଶ। ଅନ୍ୟମାନଙ୍କ ମଧ୍ୟରେ ପୁରୁଷୋତ୍ତମ ଲାବଲା, ପ୍ରସନ୍ନ ବେହେରା, ସୁନିତା ପଣ୍ଡା, ଶିବ ଆଚାରୀ, ସୁରେଖା ମହାରଣା, ପ୍ରୀତିଶ, ପୃଥ୍ୱୀରାଜ, ଜଗା ଦାଶ, ବିଶ୍ୱନାଥ ସାହୁ, ଗଣେଶ, ଟୁକୁନା, ବୁଲୁ, କାହ୍ନୁ, ଜଗା, ଚିକୁ, ପ୍ରିୟଙ୍କା ପ୍ରମୁଖ ଅଭିନୟ କରିଛନ୍ତି।


ଚଳଚ୍ଚିତ୍ରର ଏକ ଦୃଶ୍ୟ।

**କଳାକାରଙ୍କ ମୁହଁରୁ....**



"ସମାଜରେ ନାରୀଙ୍କ ଉପରେ ଅତ୍ୟାଚାର ବଢ଼ିଛି। ସବୁଠି ମହିଳା ଅସୁରକ୍ଷିତ। କେତେକ ସ୍ଥାନରେ କନ୍ୟାଭ୍ରୁଣ ହତ୍ୟା ମଧ୍ୟ କରାଯାଉଛି। ଏସବୁକୁ ଶେଷ କରିବା ପାଇଁ ଏଭଳି ସିନେମା ଆମ ସମାଜକୁ ବାଟ କଡାଇବ।

–ମନୋଜ ଜେନା



"କଳାକୁ ନେଇ ବଞ୍ଚିବା କଷ୍ଟକର। ତଥାପି ସଚେତନତା ସୃଷ୍ଟି କରିବା ପାଇଁ ଏହା ଏକ ମାଧ୍ୟମ।

–ସି.ଏଚ୍. ଗଣେଶ



"ନାରୀଙ୍କୁ ସବୁଠି ସମାନ ଅଧିକାର ମିଳିବା ଆବଶ୍ୟକ। ଏହି ସିନେମା ଏହାର ବାଟ ଫିଟାଇବ।

–ସୁରେଖା

## ବିଭିନ୍ନ ସ୍ଥାନରେ ଗଣେଶପୂଜା

ରାୟଗଡ଼ା ଅଫିସ/ବିଷମକଟକ/ମୁନିଗୁଡ଼ା/ଗୁଡାରୀ, ୨।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ଶିକ୍ଷାନୁଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ ସହ ବିଭିନ୍ନ ସଂଘ ପକ୍ଷରୁ ଗଣେଶ ପୂଜା ଧୁମ୍‌ଧାମରେ ପାଳିତ ହୋଇଛି। ସବୁଠି ଆଲୋକମାଳାରେ ସଜାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ରାୟଗନା ସହରର ଇନ୍ଦ୍ରାନଗର, ଓଡିଆ ସାହି, ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖ ସମେତ ବିଭିନ୍ନ ଛକରେ ଗଜାନନଙ୍କ ପୂଜା କରାଯାଇଛି। ପୂଜା କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳାର ସହ ପୂଜା ଚାଲିଛି ବୋଲି ଇନ୍ଦ୍ରାନଗରସ୍ଥିତ ଚାଲେଞ୍ଜର ୟୁଥ୍ ଆସୋସିଏଶନ କମିଟି ସଭାପତି ଅରୁନ କୁମାର ପାଣିଗ୍ରାହୀ, ସମ୍ପାଦକ ସୁଧାଂଶୁ ମୁଦୁଲି କହିଛନ୍ତି।

ବିଷମକଟକର ଦୋଳମଣ୍ଡପ, ବଡଦ୍ୱାର ସାହି, ଗୌଡ ସାହି, ମାର୍କମା ସାହି, କରଣ ସାହି,ଭାଟ ସାହି,ବ୍ରାହ୍ମଣ ସାହି,ରାୟଗଡାରୋଡ,ଗୁଣ୍ଡିଚା ମନ୍ଦିର ଛକ ସମତେ ସମସ୍ତ ଶିକ୍ଷାନୁଷ୍ଠାନରେ ଗଣେଶଙ୍କ ପୂଜା କରାଯାଇଛି। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

ମୁନିଗୁଡ଼ା ସରସ୍ୱତି ଶିଶୁ ବିଦ୍ୟା ମନ୍ଦିର, ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମେତ ଅନ୍ୟ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳିତ ହୋଇଛି। ଏଥିସହ ସହରରେ ୫୦ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପରେ ଠାକୁରଙ୍କ ପୂଜା ଚାଲିଛି। ସନ୍ଧ୍ୟାରେ ପୂଜାମଣ୍ଡପରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଲାଗିଥିଲା। ଗୁଡାରୀର ସମସ୍ତ ସ୍କୁଲ, କଲେଜରେ ସୋମବାର ଗଣେଶ ପୂଜା ପାଳିତ ହୋଇଛି।

ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପ ସବୁ ସଜେଇ ହୋଇଛି। ସନ୍ଧ୍ୟାରେ ବର୍ଷା ସତ୍ତ୍ୱେ ପୂଜାମଣ୍ଡପରେ ଭକ୍ତଙ୍କ ଭିଡ଼ ଜମିଥିଲା।


ଟିକିରି ବ୍ୟାଙ୍କସାହିରେ ଗଣେଶ।

